ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଜ୍ଞାନ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)


**ପତ୍ର ସଂ–୬୬/୨୦୨୬ ସପ୍ତାହ-୩୩ ମଙ୍ଗଳବାର, ତାରିଖ-୧୮.୦୮.୨୦୨୬**

## ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୭୮୪.୬/୪୧ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୫୮.୦/୦୪ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (⁰C) | ୩୦.୧ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (⁰C) | ୨୪.୭ |

## କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୧୯-୦୮-୨୦୨୬ | ୨୦ | ୨୮ | ୨୪ | ୮ | ୯୨ | ୭୮ | ୧୦ | ୧୪୭ |
| | ୨୦-୦୮-୨୦୨୬ | ୧୨ | ୨୯ | ୨୩ | ୫ | ୯୩ | ୭୩ | ୧୦ | ୨୪୨ |
| | ୨୧-୦୮-୨୦୨୬ | ୧୨ | ୩୦ | ୨୩ | ୬ | ୯୨ | ୭୧ | ୯ | ୨୩୯ |
| | ୨୨-୦୮-୨୦୨୬ | ୧୨ | ୨୯ | ୨୪ | ୭ | ୯୩ | ୭୨ | ୯ | ୨୩୯ |
| | ୨୩-୦୮-୨୦୨୬ | ୧୨ | ୩୦ | ୨୪ | ୭ | ୯୩ | ୬୮ | ୯ | ୨୩୦ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

**ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା**

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା (୧୨ ରୁ ୨୦ ମିମି/ଦିନ) ହେବାର ସମ୍ଭାବନା ରହିଛି। ଏହି ଦିନ ଗୁଡ଼ିକରେ ଆକାଶ ସାଧାରଣତଃ ମେଘୁଆ କିମ୍ବା ମେଘାଚ୍ଛନ୍ନ ରହିବା ସହିତ ଦକ୍ଷିଣ-ପଶ୍ଚିମ ଦିଗ ରୁ ଘଣ୍ଟା ପ୍ରତି ୯ ରୁ ୧୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୨୮ ରୁ ୩୦° ସେଲସିୟସ୍ ମଧ୍ୟରେ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୩ ରୁ ୨୪° ସେଲସିୟସ୍ ପାଖାପାଖି ରହିବାର ସମ୍ଭାବନା ଅଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୯୨ ରୁ ୯୩% ଏବଂ ଅପରାହ୍ନ ସମୟରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୬୮ ରୁ ୭୮% ମଧ୍ୟରେ ରହିବାର ପୂର୍ବାନୁମାନ ରହିଛି ।

**ଚେତାବନୀ :** ନାହିଁ (୨୩.୦୮.୨୦୨୬ ସକାଳ ୮.୩୦ ପର୍ଯ୍ୟନ୍ତ ବୈଧ )

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

**ସାଧାରଣ ପରାମର୍ଶ**

- ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ଜାରି ରହିବାର ସମ୍ଭାବନା ରହିଛି। ତେଣୁ, ଚାଷୀଭାଇମାନେ ସତର୍କ ରହିବା ସହ ନିୟମିତ ଭାବେ ପାଣିପାଗ ପୂର୍ବାନୁମାନ ପ୍ରତି ଧ୍ୟାନ ଦିଅନ୍ତୁ।
- ଛିଡ଼ା ହୋଇଥିବା ଫସଲକୁ ଘାସ ମୁକ୍ତ ରଖିବା ଏବଂ ଫସଲର ସୁସ୍ଥ ବୃଦ୍ଧି ପାଇଁ ପାଗ ନିର୍ମଳ/ଶୁଖିଲା ଥିବା ସମୟରେ ଘାସ ବାଛିବା ଏବଂ ଅନ୍ୟାନ୍ୟ କୋଡ଼ାଖୋସା କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ।
- ମେଘୁଆ ପାଗ ସହିତ ଅଧିକ ଆର୍ଦ୍ରତା/ବାୟୁମଣ୍ଡଳୀରେ ଓଦାପଣ ଯୋଗୁଁ ଫସଲରେ ପୋକ ଏବଂ ରୋଗର ପ୍ରାଦୁର୍ଭାବ ହେବାର ସମ୍ଭାବନା ଥିବାରୁ ନିୟମିତ ନିରୀକ୍ଷଣ କରନ୍ତୁ। ରୋଗାକ୍ରାନ୍ତ ଗଛଗୁଡ଼ିକୁ ଉପାଡ଼ି ଜମିଠାରୁ ଦୂରରେ ପୋତି ଦିଅନ୍ତୁ।
- ପୂର୍ବ ସପ୍ତାହର କ୍ରମାଗତ ବର୍ଷା ଯୋଗୁଁ ପନିପରିବା ଫସଲରେ ଝାଉଁଳା ଏବଂ ଚେର ସଢ଼ା ରୋଗର ପ୍ରାଦୁର୍ଭାବ ଦେଖାଦେବାର ସମ୍ଭାବନା ରହିଛି। ରୋଗର ଲକ୍ଷଣ ଦେଖାଦେଲେ, ପାଗ ଶୁଖିଲା/ନିର୍ମଳ ଥିବା ସମୟରେ ୧୦ ଲିଟର ପାଣିରେ ୨୦ ଗ୍ରାମ୍ ମେଟାଲାକ୍ସିଲ୍ ୮% + ମ୍ୟାଙ୍କୋଜେବ୍ ୬୪% ଡବ୍ଲୁ.ପି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ।

| | |
|---|---|
| ସଂକ୍ଷିପ୍ତ ବାର୍ତା | ▪ ଜଳବନ୍ଦୀ ଅଞ୍ଚଳରେ ଫସଲର ପତ୍ର ଲାଲିପଡ଼ିବା ସମସ୍ୟା କମାଇବା ପାଇଁ ୧୦ ଲିଟର ପାଣିରେ ୧୦୦ ଗ୍ରାମ୍ ମ୍ୟାଗ୍ନେସିୟମ୍ ସଲ୍‌ଫେଟ୍ ଏବଂ ୧୦୦ ଗ୍ରାମ୍ ୟୁରିଆ ମିଶାଇ ସିଞ୍ଚନ କରନ୍ତୁ। |

**ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ**

| ଫସଲ ର ନାମ | ଫସଲ ଅବସ୍ଥା | ପରାମର୍ଶ |
|---|---|---|
| **କ୍ଷେତ୍ର ଫସଲ** | | |

| | | |
|---|---|---|
| ଖରିଫ ଧାନ | ପିଲ ଅବସ୍ଥା | **ବୁଣା ଧାନ :**<br>**କୀଟ ପରିଚାଳନା :** ବର୍ତ୍ତମାନର ପାଣିପାଗ ସ୍ଥିତି କୀଟପତଙ୍ଗଙ୍କ ବଂଶବୃଦ୍ଧି ଏବଂ ସକ୍ରିୟତା ପାଇଁ ଅନୁକୂଳ ହେବାର ସମ୍ଭାବନା ଅଛି। କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡ଼ା ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ବିହନ ବୁଣିବାର ୩୦ ଦିନ ପରେ ଏକର ପ୍ରତି ୮ ଟି ଫେରୋମୋନ୍ ଟ୍ରାପ୍ ଏବଂ ୧ ଟି ଆଲୋକ ଯନ୍ତା/ଲାଇଟ୍ ଟ୍ରାପ୍ ଲଗାନ୍ତୁ। ପ୍ରତି ୩ ସପ୍ତାହ ବ୍ୟବଧାନରେ ଫେରୋମୋନ୍ ଲିଓର୍ କୁ ବଦଳାନ୍ତୁ।<br>**ରୁଆ ଧାନ :**<br>**ଖାଦ୍ୟସାର ପରିଚାଳନା :** ପ୍ରଥମ ଦଫା ସାର ହିସାବରେ ଢିପ ଜମି କ୍ଷେତ୍ରରେ ଏକର ପ୍ରତି ୨୦ କି.ଗ୍ରା. ୟୁରିଆ ଏବଂ ମଧମ ଓ ଖାଲୁଅ ଜମି କ୍ଷେତ୍ରରେ ଏକର ପ୍ରତି ୨୮ କି.ଗ୍ରା. ୟୁରିଆ ସାର ପିଲ ବାହାରିବା ସମୟରେ (ରୋଇବାର ୨୧ ରୁ ୨୫ ଦିନ ମଧ୍ୟରେ) ପ୍ରୟୋଗ କରନ୍ତୁ ।<br>**ଘାସ ପରିଚାଳନା :** ଗଜା ପୂର୍ବବର୍ତ୍ତୀ ଘାସମରା ଔଷଧ ପ୍ରୟୋଗ କରିନଥିଲେ-<br>▪ ସଅଳ ଗଜା ପରବର୍ତୀ ଘାସ ନିୟନ୍ତ୍ରଣ ପାଇଁ ରୋଇବାର ୮ ରୁ ୧୦ ଦିନ ମଧ୍ୟରେ ଏକର ପ୍ରତି ୧୦୦ ଗ୍ରାମ ପାଇରାଯୋସୁଲ୍ଫୁରନ ଇଥାଇଲ୍ ୧୦% ଡବ୍ଲୁ.ପି କୁ ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ।<br>▪ ରୋଇବାର ୧୫ ରୁ ୨୦ ଦିନ ମଧ୍ୟରେ ଏକର ପ୍ରତି ୧୨୦ ମି.ଲି. ବିସ୍ପାଇରିବାକ୍ ସୋଡିୟମ ୧୦% ଏସ.ସି. କୁ ୨୦୦ ଲିଟର ପାଣିରେ ମିଶ୍ରଣ କରି ଶୁଖିଲା ପାଗରେ ସିଞ୍ଚନ କରନ୍ତୁ ।<br>▪ ଧାନ ରୋଇବାର ୨୫ ରୁ ୩୦ ଦିନ ମଧ୍ୟରେ ଶାନ୍ତ/ପାଗ ଶୁଖିଲା ଥିବା ସମୟରେ ଏକର ପ୍ରତି ୨୪୦-୨୬୦ ମିଲିଲିଟର ଫେନୋକ୍ସାପ୍ରପ୍-ପି-ଇଥାଇଲ୍ ୧୦% ଇ.ସି. କୁ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। |
| କପା | ଅଙ୍ଗୀୟ ଅବସ୍ଥା | ▪ ଜମିରୁ ବଳକା ବର୍ଷାପାଣି ନିଷ୍କାସନ କରିବା ପାଇଁ ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ।<br>▪ କପା ଫସଲ ତିନି ସପ୍ତାହ ହୋଇଗଲେ ଶୁଖିଲା ପାଗରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ ଏବଂ ଶଙ୍କର/ହାଇବ୍ରିଡ କିସମ ପାଇଁ ଏକର ପିଛା  ୪୦ କି.ଗ୍ରା. ୟୁରିଆ ସହିତ ୨୪ କି.ଗ୍ରା ଏମ.ଓ.ପି. ସାର ଓ ଉନ୍ନତ କିସମ କ୍ଷେତ୍ରରେ ୩୦ କି.ଗ୍ରା. . ୟୁରିଆ ସହିତ ୧୮ କି.ଗ୍ରା ଏମ.ଓ.ପି. ସାର ପ୍ରୟୋଗ କରନ୍ତୁ।<br>▪ ଯଦି ପ୍ରାରମ୍ଭିକ ମାଟି ପ୍ରସ୍ତୁତି ସମୟରେ ଅଣୁସାର ପ୍ରୟୋଗ କରାଯାଇ ନାହିଁ, ତେବେ ହୁଡ଼ା ଟେକିବା ସମୟରେ ସମୟରେ ଏକର ପ୍ରତି ୧୦ କିଲୋଗ୍ରାମ୍ ଜିଙ୍କ ସଲଫେଟ୍ ଏବଂ ୨ କିଲୋଗ୍ରାମ୍ ବୋରାକ୍ସ ପ୍ରୟୋଗ କରନ୍ତୁ।<br>▪ ଫୁଲ ଓ କଢ ଝଡ଼ିବାରୁ ରକ୍ଷା ପାଇଁ  ୩.୫ ମି.ଲି. ପ୍ଲାନୋଫିକ୍ସ ହରମୋନ୍ କୁ ପ୍ରତି ୧୫ ଲିଟର ପାଣିରେ ମିଶ୍ରଣ କରି ଲଗାଇବାର ୩୦ ରୁ ୪୦ ଦିନ ମଧ୍ୟରେ ଶୁଖିଲା ପାଗରେ ପ୍ରୟୋଗ କରନ୍ତୁ ।<br>▪ ଜଳବନ୍ଦୀ ଅଞ୍ଚଳରେ ଫସଲର ପତ୍ର ଲାଲିପଡ଼ିବା ସମସ୍ୟା କମାଇବା ପାଇଁ ୧୦ ଲିଟର ପାଣିରେ ୧୦୦ ଗ୍ରାମ୍ ମ୍ୟାଗ୍ନେସିୟମ୍ ସଲ୍ଫେଟ୍ ଏବଂ ୧୦୦ ଗ୍ରାମ୍ ୟୁରିଆ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। |
| ମକା | ଅଙ୍ଗୀୟ ଅବସ୍ଥା | ▪ ନାଳୀ ପ୍ରସ୍ତୁତ କରି ମକା ଜମିରୁ ବଳକା ବର୍ଷା ପଣି ନିଷ୍କାସନ କରନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଫସଲରେ ରୋଗ ଓ ପୋକର ସଂକ୍ରମଣ କୁ ନିୟମିତ ନିରୀକ୍ଷଣ କରନ୍ତୁ । ସଂକ୍ରମିତ ଗଛ କୁ ଓପାଡ଼ି ଜମି ଠାରୁ ଦୂରକୁ ନେଇ ମାଟିରେ ପୋତି ଦିଅନ୍ତୁ।<br>**ଖାଦ୍ୟସାର ପରିଚାଳନା :** ଅଧିକ ଅମଳ ପାଇଁ ଗଜା ହେବାର ୨୦-୨୫ ଦିନ ଏବଂ ୪୦-୪୫ ଦିନ ପରେ ଏକର ପ୍ରତି ୨୫ କିଲୋଗ୍ରାମ୍ ୟୁରିଆ ସାର ପ୍ରୟୋଗ କରନ୍ତୁ।<br>**କୀଟ ପରିଚାଳନା:**<br>ନିୟମିତ ଭାବେ ବିଲ ନିରୀକ୍ଷଣ କରନ୍ତୁ ଏବଂ ରୋଗାକ୍ରାନ୍ତ ଗଛର ଅଂଶଗୁଡ଼ିକୁ ବାହାର କରି ନଷ୍ଟ କରିଦିଅନ୍ତୁ।<br>▪ **କାଣ୍ଡବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ଏକର ପିଛା ପ୍ରତି ୨୦୦ ଲିଟର ପାଣିରେ ୪୦୦ ମି.ଲି. ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫୋସ ୫୦% ଇ.ସି  କୁ ମିଶାଇ ସିଂଚନ କରନ୍ତୁ।<br>▪ **ଫଲ ଆର୍ମି ୱର୍ମ:** ଏହି କୀଟର ନିୟନ୍ତ୍ରଣ ପାଇଁ ଏକର ପିଛା ପ୍ରତି ୨୦୦ ଲିଟର ପାଣିରେ ୮୦ ଗ୍ରା. ଇମାମେକଟିନ୍ ବେନଜୋଏଟ୍ ୫% ଏସ.ଜି. କୁ ମିଶାଇ ସିଂଚନ କରନ୍ତୁ । |
| **ଉଦ୍ୟାନ କୃଷି** | | |
| ଟମାଟୋ | ବୁଣିବା ଅବସ୍ଥା | ▪ ଚାରା ପ୍ରସ୍ତୁତି ପାଇଁ ଅଗଷ୍ଟ ରୁ ସେପ୍ଟେମ୍ବର ମାସ ଉପଯୁକ୍ତ ସମୟ ଅଟେ ।<br>▪ **ଉପଯୁକ୍ତ ଉନ୍ନତ କିସମ:** ଉତ୍କଳ କୁମାରୀ (ବିଟି-୧୦), ଉତ୍କଳ ଦିପ୍ତି (ବିଟି-୨), ଉତ୍କଳ ରାଜା, ଉତ୍କଳ ପ୍ରଜ୍ଞା, ଉତ୍କଳ କୁମାରୀ, ସ୍ୱର୍ଣ୍ଣ ସମ୍ପଦ<br>**ସଙ୍କର ଜାତୀୟ କିସମ:** ଅର୍କ ସମ୍ରାଟ, ଅର୍କ ରକ୍ଷକ, ଅର୍କ ଅଭେଦ, ପୁସା ହାଇବ୍ରିଡ ୧, ପୁସା ହାଇବ୍ରିଡ ୨, |

| | | |
|---|---|---|
| | | ସୂର୍ଯ୍ୟ ଇତ୍ୟାଦି। **ଆବଶ୍ୟକ ବିହନ:** ଏକ ଏକର ଜମି ପାଇଁ ଉନ୍ନତ କିସମରେ ୧୫୦ ରୁ ୨୦୦ ଗ୍ରାମ ଏବଂ ହାଇବ୍ରିଡ ନିମନ୍ତେ ୫୦ ରୁ ୭୦ ମଞ୍ଜି ର ତଳି ଆବଶ୍ୟକ। |
| **ଗେଣ୍ଡୁ ଫୁଲ** | **ବୁଣିବା ଅବସ୍ଥା** | ▪ ଆଫ୍ରିକୀୟ ଗେଣ୍ଡୁ (African marigold) ଚାଷ ପାଇଁ ଅଗଷ୍ଟରୁ ଜାନୁଆରୀ ମାସ ସବୁଠାରୁ ଉପଯୁକ୍ତ ସମୟ। ଏହାର ଉନ୍ନତ କିସମଗୁଡ଼ିକ ହେଲା ଜାଏଣ୍ଟ ବଲ୍, ଆଫ୍ରିକାନ୍ ୟେଲୋ, ଅର୍ଲି ୟେଲୋ, ଅର୍ଲି ଅରେଞ୍ଜ, ଆଫ୍ରିକାନ୍ ଅରେଞ୍ଜ ଏବଂ କ୍ରାଉନ୍ ଅଫ୍ ଗୋଲ୍ଡ ।<br>▪ ଚାରା ରୋପଣ ପୂର୍ବରୁ ହେକ୍ଟର ପ୍ରତି ୨୦ ଟନ୍ ସଢ଼ା ଗୋବର ଖତ ସହିତ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ, ୮୦ କିଲୋଗ୍ରାମ୍ ଫସଫରସ୍ ଏବଂ ୮୦ କିଲୋଗ୍ରାମ୍ ପୋଟାସ୍ କୁ ମାଟିରେ ଭଲ ଭାବରେ ମିଶାନ୍ତୁ।<br>▪ ମୁଖ୍ୟ ଜମିରେ ୨୫ ରୁ ୩୦ ଦିନର ନୀରୋଗ ଏବଂ ସୁସ୍ଥ ଚାରା ରୋପଣ କରନ୍ତୁ । |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| **ଗାଈ ଓ ମଇଁଷି** | | ▪ ଗାଈ ଓ ମଇଁଷିଙ୍କୁ, ବର୍ଷା ଦିନେ ବାହାରେ ନବାନ୍ଧି ଗୁହାଳ ମଧରେ ରଖିବାକୁ ଚେଷ୍ଟା କରନ୍ତୁ । ଏହାଦ୍ୱାରା ସେମାନେ ଶୁଖିଲା ରହିବା ସହ ସେମାନଙ୍କର ଖୁରା ଜନିତ ରୋଗରୁ ଉପଶମ ମିଳିଥାଏ । ଗୁହାଳର ଚଟାଣ ଶୁଖିଲା ରଖନ୍ତୁ ଏବଂ ଶୁଖିଲା ନଡା ଉପରେ ପଶୁ ମାନଙ୍କୁ ଶୁଆନ୍ତୁ । ଏହା ସେମାନଙ୍କୁ ଥନହରା ରୋଗ ଦାଉରୁ ରକ୍ଷା କରିବ । ନିୟମିତ ବ୍ୟବଧାନରେ ସେମାନଙ୍କୁ ଟୀକାକରଣ କରେଇ ଦିଅନ୍ତୁ ଏବଂ ସଦା ସର୍ବଦା ପରିଷ୍କାର ଜଳ ସେମାନଙ୍କ ପାଇଁ ମହଜୁଦ ରଖନ୍ତୁ । |
| **ଛେଳି ଓ ମେଣ୍ଢା** | | ▪ ଛେଳି ଓ ମେଣ୍ଢା ମାନଙ୍କୁ ଅନ୍ତ କୃମି ମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଦିଅନ୍ତୁ ।ବିଶୁଦ୍ଧ ପାନୀୟ ଜଳ ର ବ୍ୟବସ୍ଥା ସହିତ ବର୍ଷା ସମୟରେ ପଶୁମାନଙ୍କୁ ଘର ଭିତରେ ରଖନ୍ତୁ ଏବଂ ଛେଳି ଓ ମେଣ୍ଢା ମାନଙ୍କ ପାଇଁ ବର୍ଷା ଦିନେ ଘରେ ଘାସ, ଶୁଖିଲା ନଡା କିମ୍ବା ଦାନା ର ବ୍ୟବସ୍ଥା କରନ୍ତୁ। |
| **କୁକୁଡ଼ା** | | ▪ ବର୍ତମାନ ମୌସୁମୀ ବର୍ଷାକୁ ଧ୍ୟାନରେ ରଖି କୁକୁଡ଼ା ଚିଆଁ ମାନଙ୍କ ପାଇଁ ସ୍ଥିରୀକୃତ ବୃଡିଙ୍ଗ ତାପମାତ୍ରକୁ ସଠିକ ରଖନ୍ତୁ । କୁକୁଡ଼ା ଘରେ ବିଛା ଯାଉଥିବା ଚଷୁକୁ ଶୁଖିଲା ରଖନ୍ତୁ ଓ ଇନ୍ଫ୍ରାରେଡ଼ ଲାଇଟ ବ୍ୟବହାର କରନ୍ତୁ । କୁକୁଡ଼ା ଦାନା କୁ ଶୁଖିଲା ପାତ୍ରରେ ରଖନ୍ତୁ ଓ ତାହା ଯେମିତି ଓଦା ନହୁଏ ସେଥିପ୍ରତି ସଜାଗ ରହନ୍ତୁ । ସଠିକ ସମୟରେ କୁକୁଡ଼ା ମାନଙ୍କର ଟୀକାକାରଣ କରେଇ ଦିଅନ୍ତୁ ଏବଂ ପାଣିରେ ଇଲେକ୍ଟ୍ରୋଲାଇଟ, ଭିଟାମିନ ସି ର ବ୍ୟବହାର କରନ୍ତୁ । |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**